# Akashvani, Sambalpur

## SAMBALPURI NEWS EVENING BULLETIN

## 2 March 2025- 7.02 pm- 7.12 pm.

*******************************************

୧- କେନ୍ଦୁଝର୍ ଜିଲ୍ଲା ପାଟ୍‌ନାନୁ ଥାପ୍‌ନା କରାଯିବା ମେଗା ଷ୍ଟିଲ୍ ପ୍ଲାଂଟ୍- ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ନ ଚାଲିଥିବା ସୁଭଦ୍ରା ଶକ୍ତି ମେଳା ୨୦୨୫ ଆଏଜ୍ ହେଉଛେ ଉଦ୍‌ଯାପିତ୍ ।

୩- ଆଏଜ୍‌ଠାନୁ ମୁଲ୍ ହେଲା ମୁସଲ୍‌ମାନ୍ ସମ୍ପ୍ରଦାୟର୍ ପବିତ୍ର ରମ୍‌ଜାନ୍ ମାସ ।

ଆଉର୍

୪- ରାଏଜେ ବଢୁଛେ ତାତି ।

- ସବୁନୁ ଜହ ତାପମାତ୍ରା ବଲାଙ୍ଗିର୍ ନ ୩୮ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍         ଆର୍ଏନ୍ୟୁ/ସମ୍ବଲ୍ପୁର୍

କେନ୍ଦୁଝର୍ ଜିଲ୍ଲା ପାଟଣା ନ ଗୁଟେ ମେଗା ଷ୍ଟିଲ୍ ପ୍ଲାଂଟ୍ ଥାପ୍ନା ହେବା  ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍ନା କରିଛନ୍ ।  କେନ୍ଦୁଝର୍ ଜିଲ୍ଲା ଗସ୍ତଥି ଯାଇକରି ଆଏଜ୍ ଚମ୍ପୁଆ ଚନ୍ଦ୍ରଶେଖର୍ ମହାବିଦ୍ୟାଳୟର୍ ୪୮ ନମ୍ବର୍ ବାର୍ଷିକ୍ ଉତ୍ସବ୍ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ  ମହାବିଦ୍ୟାଳୟର୍ ବିକାଶ୍ ଲାଗି ୪ କୋଟି ଟଙ୍କାର୍ ଅନୁଦାନ୍ ଘୋଷ୍ନା କରିଛନ୍ । ଇତାର୍ ଆଘୋନୁ ଆଏଜ୍ ଜିଲ୍ଲା ନ ଆଂଚଲିକ୍ କୃଷି ଯନ୍ତ୍ରପାତି ମେଲାକେ ଉଦ୍ଘାଟନ୍ କର୍ବାର୍ ଅବ୍ସରେ ମୁଖ୍ୟମନ୍ତ୍ରୀ ଭୀମକୁଣ୍ଡ ନ ଗୁଟେ ବେରେଜ୍ ତିଆର୍ କରାଯିବା ବଲି କହିଥିଲେ । ସଖାଲ୍ବେଲା ମୟୁର୍ଭଞ୍ଜ୍ ଜିଲ୍ଲା ରାମତୀର୍ଥ ନ ଶିମିଲିପାଲ୍ ଅଭୟାରଣ୍ୟ ନ ସୁରକ୍ଷା ବାର୍ତା ନେଇକରି ଗୁଟେ ସଚେତନତା ଦୌଡ଼ଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେଇଥିଲେ । ପାଖାପାଖି ୯ ଶହ ଝନ୍ ଛାତ୍ରଛାତ୍ରୀ ଇ ଦୌଡ଼ଥି ଭାଗ୍ ନେଇଥିଲେ ।

ସେଆଡ଼େ ଆଏଜ୍ ବେଲ୍ବୁଡ଼େ କେନ୍ଦୁଝର୍ କାଲୀ ପଡ଼ିଆ ନ ଆୟୋଜିତ୍ ଆଚଲିକ୍ କଳିଙ୍ଗ ହର୍ବଲ୍ ମେଳାଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ଆଉ ଆଏବାକାଏଲ୍

ସଖାଲ୍‌ବେଲା ଭୁବନେଶ୍ୱର୍ ଫିରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନ ଅଭିଯୋଗ୍ ଶୁଣାଣି କର୍‌ବେ ।

ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ୍ I&PR

ଭୁବ୍‌ନେଶ୍ୱରର୍ ଜନ୍‌ତା ମଇଦାନ୍ ନ ଗଲା ୯ ଦିନ୍ ଧରିକରି ଚାଲୁଥିବାର୍ ସୁଭଦ୍ରା ଶକ୍ତିମେଳା ୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ଉଦ୍‌ଯାପନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଳେ ଅତିଥି ଭାବେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଭିଲ୍ ସାମିଲ୍ ହେଇଛନ୍ ।

ସୁଭଦ୍ରା ଶକ୍ତିମେଳାଥି ସାଧାରଣ୍ ଲୁକେ ରାଏଜର୍ ଭିନ୍ ଭିନ୍ ଇଲାକା ନୁ ଆସିଥିବା ହସ୍ତତନ୍ତ, ହସ୍ତଶିଳ୍ପ, ଜୈବିକ ଦରବ୍‌କେ ଗୁଟେ ଠାନେ ଦେଖିକରି ଘିନ୍‌ବାର୍ ସୁଯୋଗ୍ ପାଉଛନ୍ । ୯ ଦିନ୍ ଧରିକରି ହେଇଥିବା ଇ ମେଳାଥି ପାଖାପାଖି ୩ କୋଟି ଟଙ୍କାର୍ ବେପାର୍ ହେଇଥିବାର୍ ଜନାପଡ଼ିଛେ । ଆଏଜ୍‌ତକ୍ ୨ ଲାଖ୍ ୫୦ ହଜାର୍ ନୁ ଅଏତ୍‌କା ଲୋକ୍ ସୁଭଦ୍ରା ଶକ୍ତି ମେଳାକେ ବୁଲି ଦେଖିଛନ୍ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏବା ୬ ତାରିଖ୍ ଦିନ ଦିଆଯିବା । କେନ୍‌ସି କାରଣ୍‌ନୁ ଇ ସାହାଜ୍ ଟଙ୍କା ନାଇଁ ପାଇଥିବା ପାଖାପାଖି ୧ ଲାଖ୍ ୭୦ ହଜାର୍ ହିତାଧିକାରୀଙ୍କୁ ଇଟା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇତାର୍‌ଛଡ଼ା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ଇ ମାସର୍ ୮ ତାରିଖ୍ ଆନ୍ତର୍ଜାତିକ ମହିଳା ଦିବସ୍ ଅବ୍‌ସରେ ବ୍ରହ୍ମପୁର୍ ନୁ ଦିଆଯିବା ।

ସୁଭଦ୍ରା ଯୋଜ୍‌ନାଥି ଆବେଦନ୍ ଲାଗି ଶେଷ୍ ତାରିଖ୍‌କେ ଇ ମାସର୍ ୩୧ ତାରିଖ୍‌ତକ୍  ବଢ଼ାଯାଇଛେ । ଯେନ୍‌ମାନେ ଇତାର୍‌ଭିତ୍‌ରେ ଆବେଦନ୍ କରିଥିବେ ସେମାନ୍‌କୁ ଆଏବା ରାକ୍ଷୀପୁନି ଦିନ ଏକାଥର୍‌କେ ୩ ଟା କିସ୍ତିଥି ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ରାଜ୍ୟପାଲ୍        I&PR

ଯୁବପିଢ଼ି ଉଦ୍ୟୋଗୀ ହେବାର୍ ସହେତେ ରାଜ୍ୟ ଆର୍ ଦେଶର୍ ଅଭିବୃଦ୍ଧିଥି ଭାଗିଦାର୍ ହେବାର୍‌କେ ରାଜ୍ୟପାଲ୍ ଡକ୍ଟର୍

ହରିବାବୁ କମ୍ଭମପାଟି ଆହ୍ୱାନ୍ ଦେଇଛନ୍ । ଆଏଜ୍ କଟକ୍ ରାମ୍‌ଦାସ୍‌ପୁର୍ ଇଣ୍ଡିଷ୍ଟ୍ରିଆଲ୍ ଇଷ୍ଟେଟ୍ ଠାନେ ଫ୍ଲେକ୍ସିବୁଲ୍ ପେକେଜିଂ ୟୁନିଟ୍‌କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ନୂଆଁକରି ତିଆର୍ ହେଇଥିବା ଇ ପେକେଜିଂ ୟୁନିଟ୍ ଓଡ଼ିଶାର୍ ଶିଳ୍ପ ଆତ୍ମନିର୍ଭରଶୀଳ ଯାତ୍ରାଥି ଗୁଟେ ମାଇଲ୍‌ଖୁଂଟ୍ ବାଗିର୍ ଆଏ । ଖାଦ୍ୟ ପ୍ରକ୍ରିୟାକରଣ୍ ଶିଳ୍ପ ଲାଗି ଉଚ୍ଚମାନର୍ ପେକେଜିଂ ସାମାନ୍ ଉତ୍ପାଦନ୍ କ୍ଷେତ୍ର ନ ଓଡ଼ିଶାର୍ ନିର୍ଭରଶୀଳତା କମ୍‌ବା । ଇ ପ୍ରକଳ୍ପ ଶିଳ୍ପ ଇକୋ ସିଷ୍ଟମ୍‌କେ ମଜ୍‌ବୁତ୍ କର୍‌ବାର୍ ସହେତେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବା ବଲି ରାଜ୍ୟପାଲ୍ ଶ୍ରୀ କମ୍ଭମପାଟି କହିଛନ୍ ।

## ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ ପି.ଆଇ.ବି.

ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍‌ଫୁ ଆଏବା ୪ ତାରିଖ୍ ଦିନ ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ୍ ମୁଳ୍ ହେବା । ୧୨ ଶହ ନୁ ଅଏତ୍‌କା ପଂଚାୟତ୍‌ର ନିର୍ବାଚିତ ମହିଳା ପ୍ରତିନିଧି ଇଥି ଭାଗ୍ ନେବେ । ଲିଙ୍ଗ ଆଧାରିତ୍ ହିଂସା ଆଇନ୍ ଉପ୍‌ରେ ଗୁଟେ ବହି ଭିଲ୍ ଇ ଅବ୍‌ସରେ ଉନ୍ମୋଚିତ୍ ହେବା ।

ଇଥି କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ, କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, କେନ୍ଦ୍ର ପଂଚାୟତିରାଜ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବାଘେଲ୍ ପ୍ରମୁଖ ଯୋଗ୍ ଦେବେ ।

ଜିଏସ୍‌ଟି ସଂଗ୍ରହ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଦ୍ରବ୍ୟ ଆଉ ସେବାକର- ଜିଏସ୍‌ଟି ବାବ୍‌ଦେ ଗଲା ମାସେ ୧ ଲାଖ୍ ୮୪ ହଜାର୍ କୋଟି ଟଙ୍କା ଆଦାୟ କରିଛନ୍ । ୨୦୨୪ ମସିହା ଫେବୃଆରୀ ମାସ୍ ଠାନୁ ଇ ବଛର୍ ଜିଏସ୍‌ଟି ଆଦାୟ ୯ ଦଶ୍‌ମିକ୍ ୧ ପ୍ରତିଶତ୍ ବଢ଼ିଛେ । ସେନ୍ତା ଗଲାମାସେ ଓଡ଼ିଶାର୍ ଜିଏସ୍‌ଟି ଆଦାୟ ପରିମାଣ୍ ୫ ହଜାର୍ ୩ ଶହ ୪୪ କୋଟି ଟଙ୍କା ହେଇଛେ । ଯେନ୍‌ଟାକି ଗଲାବଛର୍‌ଠାନୁ ୪ ପ୍ରତିଶତ୍ ଅଏତ୍‌କା ଆଏ ।

ରାଜ୍ୟ ସର୍‌କାର୍- ଅଣ୍ଡା ଦରବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର

ପିଏମ୍ ପୋଷଣ୍ ଯୋଜ୍‌ନାଥି ରାଜ୍ୟ ସର୍‌କାର୍ ମଧ୍ୟାହ୍ନ ଭୋଜନ୍ ବାବ୍‌ଦେ ଦିଆଯାଉଥିବା ଅଣ୍ଡାର୍ ଦାମ୍‌କେ ୭ ଟଙ୍କାକେ

ବଢ଼େଇଛନ୍ । ବଜାର୍ ଦର୍କେ ଦେଖିକରି ଆଘୋ ଥିବା ଅଣ୍ଡାର୍ ଦାମ୍ ୫ ନୁ ୭ ଟଙ୍କାକେ ସର୍କାର୍ ବଢ଼େଇଛନ୍ । ରାଜ୍ୟ ସର୍କାର୍ ଇଥିର୍ଲାଗି ବଛର୍କ ଶହେ ୭୫ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚା କର୍ବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ହେବା । ଭୁବ୍ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାଧାରଣ୍ ଲୁକ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଲୋକାଭିମୁଖୀ ବଜେଟ୍ ସୁବର୍ଣ୍ଣପୁର୍/ ବୌଦ୍ଧ

କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଲୋକାଭିମୁଖୀ ବଜେଟ୍ ବାବ୍ଦେ ଲୁକ୍କୁ ଜନାବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ

ମନ୍ତ୍ରୀ, ସାଂସଦ୍, ବିଧାୟକ୍ ଆର୍ ଦଲୀୟ କର୍ମୀମାନେ ବୁଦ୍ଧିଜୀବୀ ସମ୍ମିଲନୀ ଜରିଏ ସେମାନ୍‌କର୍ ମତାମତ୍ ରଖିଛନ୍ ।

ସୁବର୍ଣ୍ଣପୁର୍ ଠାନେ ହେଇଥିବା ବୁଦ୍ଧିଜୀବୀ ସମ୍ମିଲନୀଥି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେଇକରି କହିଛନ୍, ଦୁହି ବଜେଟ୍‌କେ ଲୁକେ ଗ୍ରହଣ୍ କରିଛନ୍ ଆଉ ଇଟା ଗୁଟେ ସମତୁଲ ବଜେଟ୍ ଆଏ । ଆୟକର ଛାଡ଼୍ ସୀମା ୧୨ ଲାଖ୍ ଟଙ୍କା କରାଯାଇଥିବାର୍‌ନୁ ମଧ୍ୟମ୍ ବର୍ଗର୍ ପରିବାର୍ ଲୋକ୍‌ମାନେ ଉପକୃତ ହେବେ । କୃଷିଜାତ ଦରବ୍‌ର ସହକାରୀ ମୂଲ୍ୟକେ ବଢ଼ାବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ ଯୋଜ୍‌ନା ଆଉ କୃଷି ସିଂଚାଇ ଯୋଜ୍‌ନା ଚାଷ୍ କ୍ଷେତ୍ରଥି ବହୁତ୍ ଉନ୍ନତି ଆନ୍‌ବାର୍ ସହେତେ ଦେଶ୍‌କେ ଆତ୍ମନିର୍ଭର୍ କର୍‌ବାର୍ ଲାଗି ସୁଯୋଗ୍ ଦେଉଛେ ବଲି ସମ୍ମିଲନୀଥି କୁହାଯାଇଛେ । ସମ୍ମିଲନୀଥି ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆର୍ ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ୍ ଜଗ୍‌ଦଲା ଭିଲ୍ ଉପସ୍ଥିତ୍ ଥିଲେ ।

ସେନ୍ତା ବୌଦ୍ଧ ଟାଉନ୍‌ହଲ୍‌ଠାନେ ଜିଲ୍ଲା ବିଜେପି ତର୍‌ଫୁ ବୁଦ୍ଧିଜୀବୀ ସମ୍ମିଲନୀ ଆୟୋଜିତ୍ ହେଇଥିଲା ।

ସମ୍ମିଲନୀଥି ବୌଦ୍ଧ ବିଧାୟକ୍ ଆର୍ ସର୍‌କାରୀ ଦଲ୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଇ ବଛର୍ ବଜେଟ୍‌କେ ଗୁଟେ

ସମାବେଶୀ ବଜେଟ୍ ବଲି କହିଥିଲେ । ଗୁଟେ ଛୁଆର୍ ପ୍ରାଥମିକ୍ସ୍ତର୍ ଶିକ୍ଷାନୁ ଉଚ୍ଚସ୍ତରୀୟ ଗବେଷଣା ଆଉ ଦକ୍ଷତା ବିକାଶ୍ତକ୍ ଆଉ ମାନବସମ୍ପଲ୍ର ସର୍ବାଙ୍ଗିନ୍ ବିକାଶ୍ ଇ ବଜେଟ୍ର ଆଭିମୁଖ୍ୟ ରହିଛେ ବଲି ସମ୍ମିଲନୀଥି ମତପ୍ରକାଶ୍ ପାଇଛେ ।

ଆଶା କର୍ମଚାରୀ -ଅଧିବେଶନ୍ଥି ହି.ସ.

ଭୁବ୍ନେଶ୍ୱର୍ ନ ହେଇଥିବା ଅଖିଲ୍ ଭାରତୀୟ ଆଶା କର୍ମଚାରୀ ମହାସଂଘର୍ ୩ ନମ୍ବର୍ ତ୍ରୈବାର୍ଷିକ ଅଧିବେଶନ୍ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଯୋଗ୍ ଦେଇଛନ୍ । ଆଶା କର୍ମଚାରୀ ମାନ୍କର୍ ଅଧିକାର୍ ଆର୍ ସେମାନ୍କର୍ ସଂଘର୍ଷ ଉପ୍ରେ ଆଲୋଚନା କର୍ବାର୍ ଲାଗି ଇଟା ଗୁଟେ ବଡ଼ ଅବ୍ସର୍ ଆଏ ବଲି ମନ୍ତ୍ରୀ କହିଛନ୍ । ଆଶା କର୍ମଚାରୀ ଆମର୍ ଆଗ୍ଧାଡ଼ିର୍ ଯୋଦ୍ଧା ଆନ୍ ଆର୍ ସେମାନ୍କର୍ ଅବଦାନ୍କେ ଆମେ କେଭେ ଭୁଲି ନାଇଁପାରୁ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ ।

ଯୁବ ସମ୍ମିଳନୀ       I&PR

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନ ଆଏଜ୍ ଯୁବ ସମ୍ମିଳନୀ ହେଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ ।

ରମ୍‌ଜାନ୍       ଆର୍‌ଏନ୍‌ୟୁ/ସମ୍ବଲପୁର

ମୁସଲ୍‌ମାନ୍ ଧର୍ମାବଲମ୍ବୀ ମାନ୍‌କର୍ ପବିତ୍ର ରମ୍‌ଜାନ୍ ମାସ ଆଏଜ୍‌ଠାନୁ ମୁଲ୍ ହେଇଛେ । ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ସବୁ ପଡ଼ା ଆର୍ ମସ୍‌ଜିଦ୍ ମାନ୍‌କେ ତରାୱି ପାଠ କରାଯାଇଛେ । ଚନ୍ଦ୍ରକେ ଦେଖିକରି ସବୁ ମସ୍‌ଜିଦ୍ ମାନ୍‌କେ ନମାଜ୍ ପଢ଼ିକରି ମୁସଲ୍‌ମାନ୍ ଭାଇବହେନ୍ ମାନେ ଆଏଜ୍‌ଠାନୁ ଉପାସ୍ ମୁଲ୍ କରିଛନ୍ । ଆଏଜ୍‌ଠାନୁ ସବୁଦିନ ବେଲ୍‌ବୁଡ଼େ ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ମସ୍‌ଜିଦ୍ ମାନ୍‌କେ ତରାୱି ପ୍ରାର୍ଥନା କରାଯିବା ।

ଆତ୍ମସୁରକ୍ଷା ତାଲିମ୍ ଶିବିର୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନେସ୍‌ନାଲ୍ ମହାବିଦ୍ୟାଲୟର୍ ଯୁକ୍ତ ୩ ବାଳିକା ମାନ୍‌କର୍ ଲାଗି ଗୁଟେ ଆତ୍ମସୁରକ୍ଷା ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମହାବିଦ୍ୟାଳୟର୍ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିର୍ଭୟାକାଣ୍ଡ ଉତ୍‌ରୁ ମହିଳାମାନ୍‌କର୍ ଲାଗି ଆତ୍ମସୁରକ୍ଷାର୍ ଭିନ୍ ଭିନ୍ ଉପେ ବାବ୍‌ଦେ ତାଲିମ୍ ନେବାର୍ ଜରୁରୀ ଆଏ ବଲି କହିଛନ୍ । ଆଏବା ୧୧ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ତାଲିମ୍ ଶିବିର୍‌ଥି ବହୁତ୍ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ନେଉଛନ୍ ।

ଜିଲ୍ଲା ପରିଷଦ୍ ବୈଠକ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ପ୍ରଭାସିନୀ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ ।  ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ବୈଠକ୍‌ଥି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଭିନ୍ ଭିନ୍ ବିଭାଗୀୟ କାମ୍‌ର ସମୀକ୍ଷା କରାଯିବାର୍ ସହେତେ ପ୍ରକଳ୍ପ ମାନ୍‌କୁ

ଜଲ୍ଦି ପୁରା କରାଯିବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଥିଲା । ବୈଠକ୍ଥି କନ୍ଧମାଲ୍ ସାଂସଦ୍ ସୁକାନ୍ତ କୁମାର୍ ପାଣିଗ୍ରାହୀ, ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆର୍ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇଥିଲେ ।

ଗାନ୍ଧୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦ୍ଯାପିତ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଗାନ୍ଧୀନଗର୍ ଠାନେ ୧୩ ନମ୍ବର୍ ଗାନ୍ଧୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦ୍ଯାପିତ୍ ହେଇଯାଇଛେ । ତୁକ୍ଲା ଦଲ୍କେ ୬ ୱିକେଟ୍ ଥି ହରେଇକରି କଂଟେଶ୍ୱରୀ କଲାହାଣ୍ଡି ଦଲ୍ ଚମ୍ପିଆନ୍ ହେଇଛେ । ଉଦ୍ଯାପନୀ କାର୍ଯ୍ୟକ୍ରମ୍ଥି ବିଜେତା ଦଲ୍କେ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାପମାତ୍ରା ବଢୁଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଇ ବଛର୍ ମାର୍ଚ୍ଚ ମାସ୍ ମୁଲ୍

ହଉନ୍‌ସାର୍ ତାପମାତ୍ରା ରେକର୍ଡ୍ ଭାଙ୍ଗିଛେ । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ବଲାଙ୍ଗିର୍ ନ ୩୮ ଦଶ୍ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ସେନ୍ତା ଟିଟିଲାଗଡ୍ ନ ୩୭ ଦଶ୍ମିକ୍ ୬, ଝାର୍‌ସୁଗୁଡ଼ା ନ ୩୭ ଦଶ୍ମିକ୍ ୫, ସୋନ୍‌ପୁର୍ ନ ୩୭, ସମ୍ବଲ୍‌ପୁର୍ ନ ୩୬ ଦଶ୍ମିକ୍ ୮, ସୁନ୍ଦର୍‌ଗଡ୍ ଆର୍ ରାଉର୍‌କେଲା ନ ୩୬ ଦଶ୍ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ସେଆଡ଼େ ଆଏବା ୪ ନୁ ୫ ଦିନ୍‌ତକ୍ ତାପମାତ୍ରା ଖାସ୍ ନାଇଁ ବଦ୍‌ଲେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ମାର୍ଚ୍ଚ ମାସୁ ମେ ମାସ୍‌ତକ୍ ଇ ବଛର୍ ଗ୍ରୀଷ୍ମଲହରୀ ଲାଗି ରହେବା ଆଉ ଦିନର୍ ଆର୍ ରାତିର୍ ସବୁନୁ ଜହ ଆଉ ସବୁନୁ କମ୍ ତାପମାତ୍ରା ସ୍ୱାଭାବିକ୍‌ନୁ ଅଏତ୍‌କା ରହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।